# NATIONAL NEWS BULLETIN (ODIA)

## 9 February - 2025

## Evening Bulletin : 7.15 P.M.

*********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲିଠାରୁ ଫ୍ରାନ୍ସ ଓ ଯୁକ୍ତରାଷ୍ଟ୍ର ଆମେରିକା ଗସ୍ତରେ ଯିବେ
- ଆସନ୍ତାକାଲି "ପରୀକ୍ଷା ପେ' ଚର୍ଚ୍ଚା" କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ସହ ସିଧାସଳଖ ଆଲୋଚନା କରିବେ ପ୍ରଧାନମନ୍ତ୍ରୀ
- ଛତିଶଗଡ଼ରେ ସୁରକ୍ଷାକର୍ମୀଙ୍କ ସହ ଗୁଳିବିନିମୟରେ ୩୧ ମାଓବାଦୀ ନିହତ

– ସହିଦ୍ ଦୁଇ ଯବାନଙ୍କ ପରିବାର ପ୍ରତି ସମବେଦନା ଜଣାଇଲେ ସ୍ୱରାଷ୍ଟ୍ର ମନ୍ତ୍ରୀ

- ଗୋରଖପୁର ଜଙ୍କସନ୍‌ର ପ୍ରସ୍ତାବିତ ମଡେଲର ସମୀକ୍ଷା କଲେ କେନ୍ଦ୍ର ରେଳମନ୍ତ୍ରୀ

ଏବଂ

- କଟକ ବାରବାଟୀ ଷ୍ଟାଡିୟମଠାରେ ଭାରତ-ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ଦିନିକିଆ ଆନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ୍ ଜାରି

– ଭାରତ ପାଇଁ ୩୦୫ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ

# ପିଏମ୍-ଫ୍ରାନ୍ସ ଭିଜିଟ୍

ଫ୍ରାନ୍ସ ଓ ଯୁକ୍ତରାଷ୍ଟ୍ର ଆମେରିକା ସହ ରଣନୈତିକ, ଅର୍ଥନୈତିକ ଓ ବୈଷୟିକ ଭାଗିଦାରୀକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲିଠାରୁ ଏହି ଦୁଇ ଦେଶ ଗସ୍ତ କରିବେ। ଗସ୍ତର ପ୍ରଥମ ପର୍ଯ୍ୟାୟରେ ସେ ଫ୍ରାନ୍ସଠାରେ ୧୨ ତାରିଖ ପର୍ଯ୍ୟନ୍ତ ଅବସ୍ଥାନ କରିବେ। ସେଠାରେ ସେ କୃତ୍ରିମ ବୁଦ୍ଧିମତା ଶିଖର ସମ୍ମିଳନୀ-୨୦୨୫ରେ ଯୋଗଦେବେ। ଏହି ଗସ୍ତକାଳରେ ଶ୍ରୀ ମୋଦୀ ଫ୍ରାନ୍ସ ନେତୃବର୍ଗଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ଆଲୋଚନା କରିବା ସହିତ ମାର୍ସେଲିରେ ଭାରତର ନୂତନ କନ୍‌ସୁଲେଟ୍ ଜେନେରାଲକୁ ଉଦ୍‌ଘାଟନ କରିବେ।

ଭାରତର ପ୍ରାଥମିକ ଚିନ୍ତା ହେଉଛି କୃତ୍ରିମ ବୁଦ୍ଧିମତାର ଉପଯୋଗ ଦ୍ୱାରା କିଛି ଲୋକ କିମ୍ବା କିଛି ନିର୍ଦ୍ଦିଷ୍ଟ ଭୌଗୋଳିକ କ୍ଷେତ୍ରରେ କମ୍ପାନୀଗୁଡ଼ିକ ନିଜର ସ୍ୱତନ୍ତ୍ରତା ଗ୍ରହଣ କରିବେ ବୋଲି ଫ୍ରାନ୍ସରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ସଞ୍ଜୀବ କୁମାର ସିଙ୍ଗଲା ଆକାଶବାଣୀକୁ

କହିଛନ୍ତି। ବିକଶିତ ଓ ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଡିଜିଟାଲ ବିଭାଜନକୁ ରୋକିବା ପାଇଁ ଏ.ଆଇ’ ମୁକ୍ତ, ସୁରକ୍ଷିତ, ସମାବେଶୀ ଏବଂ ବିଶ୍ୱାସନୀୟ ହେବା ଆବଶ୍ୟକ ବୋଲି ଶ୍ରୀ ସିଙ୍ଗ୍‌ଲା ଗୁରୁତ୍ୱାରୋପ କରିଛନ୍ତି।

ଶ୍ରୀ ସିଙ୍ଗଲା ଆହୁରି ମଧ୍ୟ କହିଛନ୍ତି, ଫେବୃଆରୀ ୧୨ ତାରିଖରେ ଫ୍ରାନ୍ସର ମାର୍ସେଲିରେ ଭାରତର ନୂତନ କନ୍‌ସୁଲେଟ୍ ଜେନେରାଲ କାର୍ଯ୍ୟାଳୟର ଉଦଘାଟନ ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଅର୍ଥନୈତିକ କରିଡର’ର ଢାଞ୍ଚାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହେବ । ସେ କହିଛନ୍ତି, ଏହି କାର୍ଯ୍ୟାଳୟ ମାର୍ସେଲିରେ ଥିବା ପ୍ରବାସୀ ଭାରତୀୟଙ୍କ ପାଇଁ ଉନ୍ନତ ସେବା ପ୍ରଦାନ କରିବା ସହିତ ଏହି ଅଞ୍ଚଳରେ ଭାରତର ରଣନୈତିକ ଉପସ୍ଥିତିକୁ ସୁଦୃଢ଼ କରିବ।

ଫ୍ରାନ୍ସ ଗସ୍ତ ଶେଷ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆସନ୍ତା ୧୨ ତାରିଖରେ ଯୁକ୍ତରାଷ୍ଟ୍ର ଆମେରିକା ଯିବେ।

# ପରୀକ୍ଷା ପେ ଚର୍ଚ୍ଚା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ଣ ୧୧ଟା ସମୟରେ ‘ପରୀକ୍ଷା ପେ ଚର୍ଚ୍ଚା’ କାର୍ଯ୍ୟକ୍ରମରେ ଦେଶର ଛାତ୍ରଛାତ୍ରୀଙ୍କ ସହିତ ସିଧାସଳଖ ଆଲୋଚନା କରିବେ। ‘ପରୀକ୍ଷା ପେ ଚର୍ଚ୍ଚା-୨୦୨୫’ ୮ଟି

ପର୍ଯ୍ୟାୟ ଉପରେ ପର୍ଯ୍ୟବେସିତ। ପ୍ରଧାନମନ୍ତ୍ରୀଙ୍କ ସହ ପ୍ରଥମ ଆଲୋଚନା ସିଧାସଳଖ ଭାବେ ଦୂରଦର୍ଶନ, ସ୍ୱୟଂ, ସ୍ୱୟଂପ୍ରଭା, ପିଏମ୍‌ଓ-ୟୁଟ୍ୟୁବ୍ ଚ୍ୟାନେଲ୍ ଓ ଶିକ୍ଷା ମନ୍ତ୍ରଣାଳୟ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସାମାଜିକ ଗଣମାଧ୍ୟମ ଚ୍ୟାନେଲ୍‌ରେ ପ୍ରସାରଣ କରାଯିବ। ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ଦେବାପାଇଁ ମାନସିକ ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି ପ୍ରଯୁକ୍ତିବିଦ୍ୟା ତଥା ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନେ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମରେ ମଧ୍ୟ ସେମାନଙ୍କ ସହ ଆଲୋଚନା କରିବେ। ଚଳିତବର୍ଷ ପ୍ରତ୍ୟେକ ରାଜ୍ୟ ତଥା କେନ୍ଦ୍ରଶାସିତ ଅଂଚଳରୁ ୩୬ ଜଣ ଲେଖାଏଁ ଛାତ୍ରଛାତ୍ରୀ ସିଧାସଳଖ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରିବେ। ଏହି ସଂସ୍କରଣକୁ ଭାରତର ବିବିଧତା ଏବଂ ଅନ୍ତର୍ଭୁକ୍ତିର ପ୍ରକୃତ ପ୍ରତିଫଳନ ଭାବେ ବିବେଚନା କରାଯାଉଛି।

## ମହାକୁମ୍ଭ ପ୍ରେସିଡେଣ୍ଟ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ପ୍ରୟାଗରାଜର ମହାକୁମ୍ଭ ମେଳା ପରିଦର୍ଶନ କରିବେ। ସେ ଗଙ୍ଗା, ଯମୁନା ଏବଂ ସରସ୍ୱତୀ ନଦୀର ସଙ୍ଗମ ସ୍ଥଳ ତ୍ରିବେଣୀ ସଙ୍ଗମରେ ପବିତ୍ର ବୁଡ଼ ପକାଇବେ। ରାଷ୍ଟ୍ରପତି ପ୍ରୟାଗରାଜର ଅକ୍ଷୟବଟ ଏବଂ ବଡ଼େ ହନୁମାନ ମନ୍ଦିର ମଧ୍ୟ ପରିଦର୍ଶନ କରିବେ। ଆଧୁନିକ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଡିଜିଟାଲ୍ ମହାକୁମ୍ଭ ଅଭିଜ୍ଞତା

କେନ୍ଦ୍ରରେ ସେ ମହାକୁମ୍ଭର ସ୍ୱତନ୍ତ୍ରତାକୁ ଅନୁଧ୍ୟାନ କରିବେ। ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ତାଙ୍କ ସହ ଉପସ୍ଥିତ ରହିବେ।

## ପିଏମ୍- ସିଏଜି ରିପୋର୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିଲ୍ଲୀବାସୀଙ୍କୁ ଆଶ୍ୱାସନା ଦେଇ କହିଛନ୍ତି, ପ୍ରଥମ ବିଧାନସଭା ଅଧିବେଶନରେ ଆପ୍ ସରକାରଙ୍କ ନିୟନ୍ତ୍ରକ ଓ ଅଡିଟର ଜେନେରାଲ (ସିଏଜି) ରିପୋର୍ଟ ଉପସ୍ଥାପନ କରାଯିବ। ଗତକାଲି ବିଜେପି ମୁଖ୍ୟାଳୟରେ ଦଳୀୟ କର୍ମୀମାନଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଏହା କହିଛନ୍ତି। ୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ଆସନରୁ ବିଜେପି ୪୮ଟି ଆସନରେ ବିଜୟ ହାସଲ କରିଛି।

ସୂଚନାଯୋଗ୍ୟ, ଦିଲ୍ଲୀ ସରକାରଙ୍କ ଅବକାରୀ ନୀତିରେ ଅନିୟମିତତା ଯୋଗୁଁ ୨ ହଜାର ୨୬ କୋଟି ଟଙ୍କାର ରାଜସ୍ୱ କ୍ଷତି ହୋଇଥିବା ସିଏଜି ରିପୋର୍ଟରେ ଦର୍ଶାଯାଇଛି। ରିପୋର୍ଟରେ କୁହାଯାଇଛି, ନୀତିରେ ଅନିୟମିତତା, ମୂଲ୍ୟ ନିର୍ଦ୍ଧାରଣରେ ସ୍ୱଚ୍ଛତାର ଅଭାବ ଏବଂ ଲାଇସେନ୍ସ ପ୍ରଦାନରେ ଉଲ୍ଲଂଘନ ହୋଇଥିଲେ ମଧ୍ୟ ଦୋଷୀଙ୍କ ବିରୁଦ୍ଧରେ ଦଣ୍ଡବିଧାନ କରାଯାଇନାହିଁ।

## ଛତିଶଗଡ-ଏନ୍କାଉଣ୍ଟର

ଛତିଶଗଡ ବିଜାପୁର ଜିଲ୍ଲା ଅନ୍ତର୍ଗତ ଜାତୀୟ ଉଦ୍ୟାନ ଜଙ୍ଗଲାଞ୍ଚଳରେ ସୁରକ୍ଷା କର୍ମୀଙ୍କ ସହ ଗୁଳି ବିନିମୟରେ ୩୧ଜଣ ମାଓବାଦୀ ନିହତ ହୋଇଛନ୍ତି । ୨ଜଣ ସୁରକ୍ଷା କର୍ମୀ ମଧ୍ୟ ସହିଦ ହୋଇଥିବା ଜଣାପଡିଛି । ଅନ୍ୟ ୨ଜଣ ସୁରକ୍ଷାକର୍ମୀ ଆହତ ହୋଇଛନ୍ତି । ଆମ ସମ୍ବାଦଦାତା ଜଣାଇଛନ୍ତି, ସୁରକ୍ଷା କର୍ମୀଙ୍କ ମିଳିତବାହିନୀ ପକ୍ଷରୁ ଆଜି ଜାତୀୟ ଉଦ୍ୟାନ ଜଙ୍ଗଲାଞ୍ଚଳରେ ତଲାସୀ ଅଭିଯାନ ଆରମ୍ଭ କରାଯାଇଥିଲା । ଏହି ତଲାସୀ ଅଭିଯାନ ବେଳେ ମାଓବାଦୀ ଏବଂ ସୁରକ୍ଷା କର୍ମୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ନିହତ ହୋଇଥିବା ୩୧ଜଣ ମାଓବାଦୀଙ୍କ ମୃତ ଶରୀରକୁ ଉଦ୍ଧାର କରାଯାଇଛି ବୋଲି ପୁଲିସ ପକ୍ଷରୁ କୁହାଯାଇଛି । ସେଠାରୁ ବିପୁଳ ପରିମାଣରେ ଅସ୍ତ୍ରଶସ୍ତ୍ର ସହିତ ମାଓ ସାମଗ୍ରୀ ଜବତ କରାଯାଇଛି ।

# ଅମିତ ଶାହା– ଛତିଶଗଡ଼

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଛତିଶଗଡ଼ରେ ନକ୍ସଲବାଦ ବିରୋଧୀ ଅଭିଯାନରେ ସହିଦ୍ ହୋଇଥିବା ଦୁଇ ଯବାନଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି, ଏହି ବୀର ଯବାନମାନଙ୍କ ପ୍ରତି ଦେଶ ସର୍ବଦା ଋଣୀ ରହିବ । ଛତିଶଗଡ଼ର ବିଜାପୁରରେ ଆଜି ସୁରକ୍ଷାବାହିନୀକୁ ଏକ ବଡ଼ ସଫଳତା ମିଳିଛି । ସେଠାରେ ୩୧ ଜଣ ନକ୍ସଲ ନିହତ ହେବା ସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ମଧ୍ୟ ଜବତ କରାଯାଇଛି

ବୋଲି ଶ୍ରୀ ଶାହା କହିଛନ୍ତି। ଆସନ୍ତା ବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ଦେଶରୁ ନକ୍ସଲବାଦକୁ ସମ୍ପୂର୍ଣ୍ଣ ରୂପେ ପ୍ରତିହତ କରିବାକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହା ଆହ୍ୱାନ ଦେଇଛନ୍ତି।

## ରେଲୱ୍ୱେ-ବୈଷ୍ଣବ

କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଗୋରଖପୁର ରେଳ ଷ୍ଟେସନ ପରିଦର୍ଶନ କରିବା ସହ ଗୋରଖପୁର ଜଙ୍କସନର ପ୍ରସ୍ତାବିତ ରେଳ ମଡେଲର ସମୀକ୍ଷା କରିଛନ୍ତି।

ରେଳ ଅଧିକାରୀମାନେ ମଡେଲ ଷ୍ଟେସନର ବିବରଣୀ ବିଷୟରେ କେନ୍ଦ୍ର ମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ରେଳମନ୍ତ୍ରୀ ରେଳ ଷ୍ଟେସନର ରୂପରେଖ ଏବଂ କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ଗୋରଖପୁରର ସଂସ୍କୃତି ଓ ଐତିହ୍ୟକୁ ଦୃଷ୍ଟିରେ ରଖି ଷ୍ଟେସନର ରୂପରେଖକୁ ପ୍ରସ୍ତୁତ କରାଯାଇଛି। ବିମାନବନ୍ଦରର ନୂତନ ଟର୍ମିନାଲ ନିକଟରେ ଏକ ନୂତନ ରେଳ ଷ୍ଟେସନ ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ଶ୍ରୀ ବୈଷ୍ଣବ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ୱ୍ୱାର୍ଲ୍ଡ ବୁକ୍ ଫେୟାର

ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ୯ ଦିନ ବ୍ୟାପୀ ଚାଲିଥିବା ବିଶ୍ୱ ପୁସ୍ତକ ମେଳା ଆଜି ଶେଷ ହେଉଛି । ନ୍ୟାସନାଲ ବୁକ୍ ଟ୍ରଷ୍ଟ ଏବଂ ଇଣ୍ଡିଆ

ଟ୍ରେଡ୍ ପ୍ରମୋଶନ ସଂସ୍ଥା ଦ୍ୱାରା ଆୟୋଜିତ ଏହି ପୁସ୍ତକ ମେଳାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ଘାଟନ କରିଥିଲେ । ଆକାଶବାଣୀର ସମ୍ବାଦଦାତା ଜଣାଇଛନ୍ତି ଏହି ପୁସ୍ତକମେଳାରେ ପ୍ରାୟ ୨ହଜାର ପ୍ରକାଶକ ଓ ଏକହଜାର ବକ୍ତା ଯୋଗ ଦେଇଛନ୍ତି । ସାଧାରଣତନ୍ତ୍ର ଦିବସର ୭୫ବର୍ଷ ପୂର୍ତ୍ତିକୁ ସ୍ମରଣ କରି  ଚଳିତବର୍ଷ ପୁସ୍ତକ ମେଳାର ଶୀର୍ଷକ 'ଆମ ଭାରତବାସୀ' ରଖାଯାଇଛି । ଏହି ୯ ଦିନ ବ୍ୟାପୀ ପୁସ୍ତକ ମେଳାରେ ଫ୍ରାନ୍ସ, ଆର୍ଜେଣ୍ଟିନା, ସ୍ପେନ୍ ଓ କଲମ୍ବିଆ ସମେତ ୫୦ରୁ ଊର୍ଦ୍ଧ୍ୱ ଦେଶ ଭାଗ ନେଇଛନ୍ତି ।

# ଇସ୍ରାଏଲ ମିଲିଟାରୀ ୱିଡ୍ର

ଇସ୍ରାଏଲ ସେନା' କେନ୍ଦ୍ରୀୟ ଗାଜାର ନେଟ୍‌ଜାରିମ କରିଡରରୁ ଓହରିଯାଇଛି ବୋଲି ହମାସ ପକ୍ଷରୁ କୁହାଯାଇଛି। ଇସ୍ରାଏଲ ଓ ହମାସ ମଧ୍ୟରେ ହୋଇଥିବା ଯୁଦ୍ଧବିରତି ଚୁକ୍ତିର ଏକ ଅଂଶ ଭାବେ ଏହି ପ୍ରତ୍ୟାହାର କରାଯାଇଛି।

ଏହି ଅଞ୍ଚଳ ଦେଇ ପାଲେଷ୍ଟାଇନବାସୀଙ୍କ ଯାତାୟତକୁ ସୁପରିଚାଳନା କରିବା ପାଇଁ ପାଲେଷ୍ଟାଇନ୍ ପୋଲିସ ବାହିନୀ ଦାୟିତ୍ୱ ନେଇଛି।

ପ୍ରାୟ ୪ ମାଇଲ ଦୀର୍ଘତା ବିଶିଷ୍ଟ ନେଟ୍‌ଜାରିମ୍ କରିଡର ଯୁଦ୍ଧର ପ୍ରଥମ ମାସରୁ ଇସ୍ରାଏଲ ସେନା ଦ୍ୱାରା ଦଖଲରେ ଥିଲା। ଉତ୍ତର ଗାଜାକୁ ଏହା

ଦକ୍ଷିଣରୁ ବିଚ୍ଛିନ୍ନ କରିଥିଲା। ଏହି କରିଡର ବାଟ ଦେଇ ଅନେକ ପାଲେଷ୍ଟାନୀୟ ନାଗରିକ ନିଜ ଘରକୁ ଫେରିଛନ୍ତି।

## ବାରବାଟୀ ମ୍ୟାଚ୍

କଟକ ବାରବାଟୀ ଷ୍ଟାଡିୟମଠାରେ ଭାରତ-ଇଂଲଣ୍ଡ ମଧ୍ୟରେ ଚଳିତ ସିରିଜ୍‌ର ଦ୍ୱିତୀୟ ଦିନିକିଆ ଆନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ୍ ଜାରି ରହିଛି । ଟସ୍ ଜିତି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୧୦ ଓ୍ୱିକେଟ୍ ହରାଇ ୩୦୪ ରନ୍ ସଂଗ୍ରହ କରିଛି।

ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଭାରତ' ୩୦୫ ରନ୍ ବିଜୟ ଲକ୍ଷ୍ୟର ପିଛା କରି ୧୩.୫ ଓଭରରେ କୌଣସି ଓ୍ୱିକେଟ୍ ନ ହରାଇ ୧୦୧ ରନ୍ ସଂଗ୍ରହ କରିଛି। ଇଂଲଣ୍ଡ ପକ୍ଷରୁ ଜୋ ରୁଟ୍ ସର୍ବାଧିକ ୬୯ ରନ୍ କରିଥିବାବେଳେ ଭାରତ ପକ୍ଷରୁ ରବୀନ୍ଦ୍ର ଜାଡେଜା ୩ଟି ଓ୍ୱିକେଟ୍ ନେଇଛନ୍ତି। ସିରିଜ୍‌ର ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଚଳିତ ମାସ ୧୨ ତାରିଖରେ ଅହମ୍ମଦାବାଦଠାରେ ଖେଳାଯିବ।

ବରୁଣ ଚକ୍ରବର୍ତ୍ତୀ ଭାରତ ତରଫରୁ ଆଜି ତାଙ୍କର ପ୍ରଥମ ଦିନିକିଆ ଆନ୍ତର୍ଜାତୀୟ ମ୍ୟାଚ୍ ଖେଳୁଛନ୍ତି । ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍‌କୁ ଜିତି ଭାରତ ୧-୦ରେ ଆଗୁଆ ରହିଛି ।

# ୱେଭ୍ସ ସମିଟ୍

ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଭାରତକୁ ବିଶ୍ୱ ବିଷୟବସ୍ତୁ କେନ୍ଦ୍ରରେ ପରିଣତ କରିବା ପାଇଁ ପ୍ରଥମ ବିଶ୍ୱ ଅଡିଓ ଭିଜୁଆଲ୍ ଏଣ୍ଟରଟେନମେଣ୍ଟ ଶିଖର ସମ୍ମିଳନୀ – ୱେଭ୍ସ-୨୦୨୫ ପ୍ରସ୍ତୁତ ହେଉଛି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ବୈଷ୍ଣବ କହିଛନ୍ତି, ଭାରତ ବିଶ୍ୱର ସୃଜନଶୀଳ କେନ୍ଦ୍ର ହେବା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରୁଛି। ଏହି ଶିଖର ସମ୍ମିଳନୀ ଜରିଆରେ ବିଶ୍ୱର ପ୍ରମୁଖ ଗଣମାଧ୍ୟମଗୁଡ଼ିକର ପରିଚାଳନା ନିର୍ଦ୍ଦେଶକ, କଳାକାର ଏବଂ ସୃଜନଶୀଳ ବ୍ୟକ୍ତିତ୍ୱଙ୍କୁ ଏକାଠି କରିବ। ସୂଚନାଯୋଗ୍ୟ, ଆସନ୍ତା ମେ'ରୁ ୪ ତାରିଖ ପର୍ଯ୍ୟନ୍ତ ମୁମ୍ବାଇରେ ୱେଭ୍ସ ଶିଖର ସମ୍ମିଳନୀ ଆୟୋଜନ ହେବ।